## ପାଣିରେ ବୁଡି ମୃତକଙ୍କ ପରିବାରକୁ ସହାୟତା

ଛତ୍ରପୁର (ଡି.ଏନ୍.ଏ.): ସାଙ୍ଗମାନଙ୍କ ସହ ଗାଧୋଇ ଯାଇ ଡିଆଁଶଙ୍ଗ ପାଣି ସ୍ରୋତରେ ଭାସି ମୃତ୍ୟୁ ଘଟିଥିବା ଛତ୍ରପୁର ଦେବୀନଗର ଅଞ୍ଚଳର ମୀନକେତନ ମହାରଣାଙ୍କ ପରିବାରକୁ ସହାୟତା ଦିଆଯାଇଛି। ଛତ୍ରପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ, ଆରଆଇ ତପନ ଦାଶ, ସୁପରଭାଇଜର ଜି.ହରିକିଷ୍ଣା ପ୍ରମୁଖ ମୀନକେତନଙ୍କ ଘରେ ପହଞ୍ଚି ମା ନର୍ମଦା ମହାରଣାଙ୍କୁ ରେଡକ୍ରସ ଫଣ୍ଡରୁ ୧୦ ହଜାର ଟଙ୍କାର ସହାୟତା ରାଶି ଦେଇଛନ୍ତି। ଆଗାମୀ ଦିନରେ ପାଣିରେ ବୁଡି ମୃତ୍ୟୁ ଜନିତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜି କ'ଣ କେଉଁଠି

- ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଗୁରୁ ଦିବସ। ସ୍ଥାନ-ପ୍ରକାଶମ ହଲ, ସମୟ-ପୂର୍ବାହ୍ନ ୯ଟା

### ସଂକ୍ଷେପରେ

## ୨ ବାଇକ୍ ଚୋରି

ବ୍ରହ୍ମପୁର ଅଫିସ,୪।୯- ପୃଥକ୍ ଥାନା ଅଞ୍ଚଳରୁ ଦୁଇଟି ବାଇକ ଚୋରି ହୋଇଛି। ଏନେଇ ବ୍ରହ୍ମପୁର ସଦର ଥାନା ଓ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ପୋଲିସ ନଂ. ୪୦୧/୨୨ରେ ଏକ ମାମଲା ରୁଜୁ କରିଥିବା ବେଳେ ବୈଦ୍ୟନାଥପୁର ଥାନା ପୋଲିସ ୩୦୩/୨୨ ରେ ଏକ ମାମଲା ରୁଜୁ କରିଛି। ବାଇକ ଗ୍ୟାଙ୍ଗକୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରୁଛି।
ପ୍ରକାଶ ଯେ, ମାର୍ଥାପଲି ଗ୍ରାମର ଏ. ଶଙ୍କର ଶନିବାର ରାତିରେ ବାଇକ (ନଂ ଓଡ଼ି ୦୭କେ-୦୦୧୪) ଘର ସମ୍ମୁଖରେ ରଖିଥିଲେ। ରବିବାର ସକାଳେ ସେଠାରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ଉଦୟ ନାହାକ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖିବା ପାଇଁ ଏମ୍କେସିଜି ମେଡିକାଲ ଆସିଥିଲେ। ସେ ତାଙ୍କ ବାଇକ୍(ନଂ ଓଡ଼ି ୦୭ଭି -୧୫୩୬)କୁ ଆଉଟଡୋର ସମ୍ମୁଖରେ ରଖି ହସ୍ପିଟାଲ ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ତାଙ୍କ ବାଇକ୍ ନିକଟକୁ ଆସି ଦେଖିବା ବେଳେ ତାଙ୍କ ବାଇକ୍ଟି ସେଠାରେ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ତାଙ୍କର ବାଇକ୍ ନ ମିଳିବାରୁ ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

## ବନ୍ଧରୁ ମୃତଦେହ ଜବତ

ବାଲିଗୁଡା,୪।୯(ଡି.ଏନ.ଏ.)-ବାଲିଗୁଡା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତର ପେନୁବନ୍ଧରେ ଭାସୁଥିବା ଏକ ମୃତଦେହ ଜବତ କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ମୃତକ ହେଲେ ଗଦରପଡି ସାହିର ସୁଆର ମଳିକ। ତେବେ ତାଙ୍କର କିଭଳି ମୃତ୍ୟୁ ଘଟିଲା ପୋଲିସ ତଦନ୍ତ କରୁଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ବାଇକ୍ ଚୋରକୁ ପୋଲିସ ଜିମା

ବାଲିଗୁଡା,୪।୯(ଡି.ଏନ.ଏ.)-ବାଲିଗୁଡା ସହର ପଣସପୋଡି ସାହିରୁ ଏକ ପଲସର ଚୋରିକରି ନେଉଥିବା ଅଭିଯୁକ୍ତଙ୍କୁ ଅଞ୍ଚଳବାସୀ କାବୁ କରି ପୋଲିସର ଜିମା ଦେଇଛନ୍ତି। ପଣସପୋଡି ସାହିର ଏକ ଦୋକାନ ଆଗରେ ବାଇକ୍ଟି ଥିବାବେଳେ ଅଭିଯୁକ୍ତ ଚାବିକୁ ଭାଙ୍ଗି ଗାଡିକୁ ଚୋରାଇ ନେଉଯାଉଥିଲେ। ସ୍ଥାନୀୟ ଲୋକେ ତାଙ୍କ ପଛରେ ଗୋଡେଇ ଧରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବାଇକ ଚୋରକୁ ଧରି ଥାନାକୁ ଆସିଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖଲ୍ଲିକୋଟ,୪।୯(ଡି.ଏନ୍.ଏ.)-ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଭରସା ଗ୍ରାମ ନିକଟ କାଜୁତୋଟାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଭରସା ଗ୍ରାମର ନୀଳକଣ୍ଠ ପାତ୍ର (୪୫)। ନୀଳକଣ୍ଠ କୌଣସି କାରଣରୁ କାଜୁତୋଟାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବର ପାଇ ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ.୨୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମୃତକ, ଆହତଙ୍କ ପରିବାରକୁ ମିଳୁନି ସହାୟତା

■ଗଞ୍ଜାମରେ ସୋଲେସିଅମ୍ ସ୍କିମ୍ ବାଟବଣା
■୪ ବର୍ଷରେ ୭୧ ଆବେଦନରୁ ୪୦ ଖାରଜ

ଛତ୍ରପୁର,୪।୯(ଡି.ଏନ୍.ଏ.)

ରାଜ୍ୟରେ ସର୍ବାଧିକ ସଡ଼କ ଦୁର୍ଘଟଣା ଗଞ୍ଜାମ ଜିଲାରେ ଘଟୁଛି। ଏପରିକି ଅଜଣା ଗାଡି ଧକ୍କାରେ ପ୍ରତିବର୍ଷ ବହୁ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ଅଜଣା ଗାଡି ଧକ୍କାରେ ଯଦି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟେ କିମ୍ବା ଗୁରୁତର ଆହତ ହୋଇଥାନ୍ତି ସେମାନଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି। ୨୦୧୮ମେ ୧୪ ତାରିଖରେ ରାଜ୍ୟ ସରକାର ହିଟ୍ ଆଣ୍ଡ ରନ୍ ମୋଟରଯାନ ଦୁର୍ଘଟଣା ମାମଲାର ସହାୟତା ପାଇଁ ସୋଲେସିଅମ ଫଣ୍ଡ ଆରମ୍ଭ କରିଥିଲେ। ଏହି ଯୋଜନାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ଅଧିକ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ସହାୟତା ଦିଆଯାଇଥାଏ। ଦୁର୍ଘଟଣାର ବର୍ଷକ ମଧ୍ୟରେ ଏହି ଯୋଜନା ମାଧ୍ୟମରେ ସହାୟତା ପାଇଁ ଆବେଦନ କରିବା ନିୟମ ରହିଛି। ତେବେ ଏହି ସ୍କିମ ଆରମ୍ଭ ହେବା ପରଠାରୁ ଗଞ୍ଜାମ ଜିଲାରେ ଦୁର୍ଘଟଣାରେ ମୃତ ଓ ଗୁରୁତର ଆହତ ବହୁ ବ୍ୟକ୍ତିଙ୍କ ପରିବାର ସହାୟତା ଅର୍ଥ ପାଇ ନ ଥିବା ଜଣାପଡିଛି।
ସୋଲେସିଅମ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଗଞ୍ଜାମ ଜିଲାରେ ୨୦୧୮ରେ ୫ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଜିଲାପାଳ ଅଧ୍ୟକ୍ଷ ରହିଛନ୍ତି। ପ୍ରତିବର୍ଷ ଜିଲାରେ ବହୁ ଲୋକଙ୍କ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହେଉଥିବା ବେଳେ ଗୁରୁତର ଆହତ ମଧ୍ୟ ହେଉଛନ୍ତି। ସୋଲେସିଅମ ସ୍କିମ ଲାଗୁ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ସହାୟତା ପାଇଁ ମାତ୍ର ୭୧ଜଣ ଦୁର୍ଘଟଣାଗ୍ରସ୍ତଙ୍କ ପରିବାର ସହାୟତା ପାଇଁ ଆବେଦନ କରିଛନ୍ତି। ଏହି ଆବେଦନ ପତ୍ରକୁ କଟକସ୍ଥିତ ପରିବହନ କମିଶନରଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ସେଥିମଧ୍ୟରୁ ୩୧ ଜଣଙ୍କ ପରିବାରକୁ ସହାୟତା ରାଶି ମିଳିଥିବା ବେଳେ ୪୦ଟି ଆବେଦନ ଖାରଜ ହୋଇଥିବା ଛତ୍ରପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସଚେତନତା ଅଭାବରୁ ଏହାର ସୁଫଳ ମିଳିପାରୁନାହିଁ। ଯାହାଫଳରେ ଏହାର ଲକ୍ଷ୍ୟ ସାଧିତ ହୋଇପାରୁନି। ଜିଲାପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବ୍ୟାପକ ସଚେତନତା ଅଭାବରୁ ଯୋଜନା ସମ୍ପର୍କରେ ବହୁ ଲୋକ ଜାଣିନାହାନ୍ତି। ଯୋଜନା କେବଳ ପୋଷ୍ଟର ମାରିବାରେ ସୀମିତ ରହିଯାଇଛି। ସେହିପରି ଦୁର୍ଘଟଣା ବେଳେ ଯଦି କୌଣସି ଲୋକ ସେଠାରୁ ଗୁରୁତରଙ୍କୁ ମେଡିକାଲକୁ ନେବେ ପୋଲିସ ସେମାନଙ୍କ ଉପରେ କୌଣସି ମାମଲା ରୁଜୁ କରିବ ନାହିଁ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆରଟିଓ ପକ୍ଷରୁ ସମ୍ମାନିତ କରାଯିବା ବ୍ୟବସ୍ଥା ସରକାର କରିଛନ୍ତି। ଏଥିସହ ଦୁଇ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବାର ନିୟମ ରହିଥିଲେ ମଧ୍ୟ ବହୁ ଲୋକ ପୋଲିସ କେସ ଭୟରେ ଦୁର୍ଘଟଣା ହେଲେ ଆହତଙ୍କୁ ମେଡିକାଲ ନେବାପାଇଁ ରାଜି ହେଉନାହାନ୍ତି।

# ଫୁଲସୁନ୍ଦରୀଙ୍କ ଯାତ୍ରା ଆରମ୍ଭ

ଦିଗପହଣ୍ଡି,୪।୯ (ଡି.ଏନ.ଏ.)



ଦିଗପହଣ୍ଡିର ଆରାଧ୍ୟା ଦେବୀ ମା' ଫୁଲସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ମା'ଙ୍କୁ ଷୋଡଶ ଉପଚାରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ହୋମଯଜ୍ଞ ହୋଇଥିଲା। ଏଥିରେ ଶଙ୍କର ପାତ୍ର ସପତ୍ନିକ କର୍ତ୍ତା ଆସନ ଗ୍ରହଣ କରିଥିଲେ। ମନ୍ଦିର ପରିସରରେ ପ୍ରତ୍ୟହ ସନ୍ଧ୍ୟାଆଳତୀ ସମୟରେ ସହର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଆଲୋକ ମାଳାରେ ମନ୍ଦିର ସଜ୍ଜିତ ହୋଇଥିବା ସହ ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଛି। କମିଟି କର୍ମକର୍ତ୍ତା ପ୍ରଦୀପ୍ତ ପଟ୍ଟନାୟକ, ବଳରାମ ସାସମଲ, ନରସିଂହ ବେହେରା, ପି.ରାଜବାବୁ ଦୋରା, ଗଣେଶ ସାହୁ, ସୁଦର୍ଶନ ବେହେରା, ଶଙ୍କର ବେହେରା, କୃଷ୍ଣଚନ୍ଦ୍ର ସାହୁ, ମିଟୁ ମହାପାତ୍ର, ବାଲାଜୀ ରେଡ଼ି, ପବିତ୍ର ବେହେରା ପ୍ରମୁଖ ଶୃଙ୍ଖଳିତ ଯାତ୍ରା ପରିଚାଳନା ଦିଗରେ ସହଯୋଗ କରଛନ୍ତି।

# ପ୍ରକାଶ ପାତ୍ର ଜିଲା ସମ୍ପାଦକ ନିର୍ବାଚିତ



ସିପିଆଇ ଜିଲା ସମ୍ମିଳନୀ ଉଦ୍ଯାପନ କାର୍ଯ୍ୟକ୍ରମରେ ନେତା ଓ କର୍ମୀ

### ସିପିଆଇ ଗଞ୍ଜାମ ଜିଲା ସମ୍ମିଳନୀ ଉଦ୍ଯାପିତ

ବ୍ରହ୍ମପୁର ଅଫିସ,୪।୯

ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଦୁଇଦିନିଆ ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ଉଦ୍ଯାପିତ ହୋଇଯାଇଛି। ସାଙ୍ଗଠନିକ କାର୍ଯ୍ୟକ୍ରମରେ ୪୧ ଜଣିଆ ଜିଲା ପରିଷଦ ଗଠନ ହୋଇଛି। ନୂଆ କର୍ମକର୍ତ୍ତା ନିର୍ବାଚନରେ ପ୍ରକାଶ ପାତ୍ର ପୁନର୍ବାର ଜିଲା ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଯୁବନେତା ପ୍ରଦୀପ ସେଠୀ ଓ ନୀଳକଣ୍ଠ ଦାସଙ୍କୁ ସହ ସମ୍ପାଦକ କରାଯାଇଛି। ପାର୍ଟି କାର୍ଯ୍ୟକାରୀ କମିଟିରେ ୧୯ ଜଣଙ୍କୁ ନିଆଯାଇଛି। ଆସନ୍ତା ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ପୁରୀରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀକୁ ଯିବା ଲାଗି ଜିଲାର ବିଭିନ୍ନ ଜୋନ୍ରୁ ୧୯ ଜଣଙ୍କୁ ମନୋନୀତ କରାଯାଇଥିବା ଉଦ୍ଯାପନୀ ସମାବେଶରେ ଘୋଷଣା କରାଯାଇଛି।
ଅନୁଷ୍ଠିତ କାଉନସିଲ ବୈଠକରେ ପାର୍ଟି ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଏବଂ ଜାତୀୟ ପରିଷଦ ସଦସ୍ୟ ରାମକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ଜିଲାର କ୍ୟାଡରମାନଙ୍କୁ ରାଜନୈତିକ ମାର୍ଗଦର୍ଶନ ଦିଆଯାଇଥିଲା। ସାମ୍ପ୍ରଦାୟିକ ଶକ୍ତି ବିରୋଧରେ କିଭଳି କାର୍ଯ୍ୟ କରାଯିବ ସେନେଇ ସଚେତନ କରାଯାଇଥିଲା।
ଦିଗପହଣ୍ଡି ନିକଟସ୍ଥ ଘୋଡ଼ାହାଡ଼ ଡ୍ୟାମର ପୁନରୁଦ୍ଧାର କରାଯାଇ ଜଳଧାରଣ କ୍ଷମତା ବୃଦ୍ଧି ଏବଂ ସେହି ଅଞ୍ଚଳରେ କୃଷି କାର୍ଯ୍ୟକ୍ରମରେ ତାହାର ଠିକଣା ବିନିଯୋଗ ପାଇଁ ଦାବି କରାଯାଇଛି। ତ୍ୱରିତ ପଦକ୍ଷେପ ନିଆନଗଲେ ପ୍ରତିବାଦରେ ସହରବାସୀଙ୍କୁ ମେଳି କରି ସିପିଆଇ ଜନ ଆନ୍ଦୋଳନ କରିବାର ଚେତାବନୀ ଦିଆଯାଇଛି। ରାଜ୍ୟ ସରକାରଙ୍କ ଶାସନଗତ ଅପାରଗତାକୁ ସମ୍ମିଳନୀରେ ସିପିଆଇ କଡ଼ା ଭାଷାରେ ସମାଲୋଚନା କରିଛି। ସୂଚନାଯୋଗ୍ୟ ୩ ବର୍ଷ ପରେ ୨୩ତମ ଜିଲା ସମ୍ମିଳନୀ ହୋଇଥିଲା।

## ମହିଳାଙ୍କୁ ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୪।୯

ଜଣେ ମହିଳାଙ୍କୁ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୬୨/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।
ପ୍ରକାଶ ଯେ, ଖଲ୍ଲିକୋଟ ରାଣୀପଡ଼ା ଗ୍ରାମର ମାମାଜିନି ସେଠୀ ବ୍ରହ୍ମପୁରରେ ରହି କଲେଜରେ ପଢୁଥିଲେ। ସେ ଆମ୍ବପୁଆ ନିକଟରେ ଥିବା ଏକ ହଷ୍ଟେଲରେ ରହୁଥିଲେ। ସେଠାରେ କାମ କରୁଥିବା ରମ୍ଭା ଥାନା ଅନ୍ତର୍ଗତ ମଧୁରଚୁଆ ଗ୍ରାମର ପ୍ରସନ୍ନ କୁମାର ବେହେରା ସମ୍ପୃକ୍ତ ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା। ଗାନ୍ଧୀନଗର ଅଞ୍ଚଳରେ ଉଭୟେ ଏକ ଘର ଭଡା ନେଇ ରହୁଥିଲେ। ସେମାନଙ୍କର ଏକ ୨ ବର୍ଷର ସନ୍ତାନ ରହିଛି। ବିଭିନ୍ନ କାରଣକୁ ନେଇ ପ୍ରସନ୍ନ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଅଧିକ ୨ ଲକ୍ଷ ଯୌତୁକ ଆଣିବାକୁ ପ୍ରସନ୍ନ ତାଙ୍କ ସ୍ତ୍ରୀଙ୍କୁ ଦାବି କରିଥିଲେ। ହେଲେ ମାମାଜିନି ନିଜ ବାପା ଓ ମା'ଙ୍କ ଇଚ୍ଛା ବିରୋଧରେ ଯାଇ ପ୍ରସନ୍ନଙ୍କୁ ବିବାହ କରିଥିବାରୁ ସେ ତାଙ୍କ ଘର ଲୋକଙ୍କୁ ଏହି କଥା କହିପାରି ନ ଥିଲେ। ଅନ୍ୟପଟେ ଦିନକୁ ଦିନ ପ୍ରସନ୍ନ ନିଶାସକ୍ତ ହୋଇ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଶେଷରେ ମହିଳା ଜଣଙ୍କ ଏନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି ବୋଲି ପୋଲିସ କହିଛି।

# ମାସକରେ ୮ ଦୁର୍ଘଟଣା, ୨ ମୃତ

ବ୍ରହ୍ମପୁର ଅଫିସ,୪।୯

ବ୍ରହ୍ମପୁର ସହର ଓ ସନ୍ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ ୧୬ ଏବେ ଦୁର୍ଘଟଣାପ୍ରବଣ ହୋଇପଡ଼ିଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ଯୋଜନା ହୋଇଥିଲେ ମଧ୍ୟ ସହରରେ ଥିବା ୭ଟି ବ୍ଲାକ୍ସ୍ପଟରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଦେଖିବାକୁ ମିଳୁଛି। ସହରରେ ଅସଜଡ଼ା ରାସ୍ତା, ଜାତୀୟ ରାଜପଥରେ ଠିକ୍ ସୂଚନା ରହି ନ ଥିବା ଏବଂ ସ୍ଥିତି ଖରାପ ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଅଗଷ୍ଟ ମଧ୍ୟରେ ସହରରେ ୮ ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିଭଳି ୬ ଜଣ ଗୁରୁତର ହୋଇଥିବା ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ୨୦୨୧ରେ ଉକ୍ତ ୭ଟି ଦୁର୍ଘଟଣାପ୍ରବଣ ଅଞ୍ଚଳରେ ୪୯ ଦୁର୍ଘଟଣା ହୋଇଥିବା ବେଳେ ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ବ୍ରହ୍ମପୁର ଟ୍ରାଫିକ ଥାନାଧିକାରୀ ସୁନୀଲ କୁମାର ବେହେରା ସୂଚନା ଦେଇଛନ୍ତି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ଥାନା ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ସେହିପରି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ଚାଳକଙ୍କଠାରୁ ଜରିମାନା ଆଦାୟ ହେଉଛି। ସହରର ସବୁ ଛକରେ ଗାଡ଼ି ଧୀରେ ଚଳାଇବାକୁ ସିଗ୍ନାଲ ଦିଆଯାଉଛି। ଏହାସତ୍ତ୍ୱେ ଅମାନିଆ ଚାଳକଙ୍କୁ ସାବାଡ଼ କରିବା ପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ ହେଉଛି। ତଥାପି ବିଭିନ୍ନ କାରଣରୁ କେତେକ ଜାଗାରେ ଦୁର୍ଘଟଣା ସହ ଜୀବନ ହାନି ହେଉଛି। ଏହାସତ୍ତ୍ୱେ ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି।

# ଗୁରୁଦିବସ ଉପଲକ୍ଷେ ହ୍ୟାଣ୍ଡବଲ୍ ପ୍ରତିଯୋଗିତା



ପ୍ରଥମମ୍ୟାଚ ବିଜୟୀ ଟାଇଟନ ଟିମ ପୁରସ୍କୃତ

### ପ୍ରଥମ ମ୍ୟାଚରେ ଟିମ୍ ଟାଇଟନ ବିଜୟୀ

ବ୍ରହ୍ମପୁର ଅଫିସ,୪।୯

ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ଗୁରୁଦିବସ ଅବସରରେ ରବିବାର ଦୁଇ ଦିନିଆ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ୬ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଟାଇଟନ୍ ଓ ୱାରିଅର୍ ଟିମ୍ ଏବଂ ଦ୍ୱିତୀୟ ମ୍ୟାଚ ଯାଦୁଗର ଟିମ୍ ଓ ହରିକନ୍ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖବର ଲେଖା ସୁଦ୍ଧା ପ୍ରଥମ ମ୍ୟାଚରେ ଟାଇଟନ ୧୭-୧୧ ପଏଣ୍ଟ ବିଜୟ ଲାଭ କରିଛି। ସୋମବାର ଟୁର୍ନାମେଣ୍ଟ ଉଦଯାପିତ ହେବ ଏହା ପୂର୍ବରୁ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର କ୍ରୀଡ଼ାବିତ ଓ ପ୍ରଶୀକ୍ଷାର୍ଥୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ଏନେଇ ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ କହିଛନ୍ତି। ଏଥିରେ କର୍ପୋରେଟର ମଳୟ ବିଷୋୟୀ, ଖେଳ ଉଦ୍ୟକ୍ତା ମିଟୁ ସାବତ ଉପସ୍ଥିତ ଥିଲେ।

# ଆଙ୍କୁଲିରେ ବିଧାୟକ ପ୍ରଦୀପଙ୍କୁ ସମ୍ବର୍ଦ୍ଧନା, ଚର୍ଚ୍ଚାରେ ଗୋପାଳପୁର ରାଜନୀତି

ବ୍ରହ୍ମପୁର ଅଫିସ,୪।୯

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୪୦ନଂ. ୱାର୍ଡ ଆଙ୍କୁଲିରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଶନିବାର ସନ୍ଧ୍ୟାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପଣ୍ଡିମେଶ୍ୱର ଗଣେଶ ପୂଜା କମିଟିର ନିମନ୍ତ୍ରଣ ରକ୍ଷାକରି ସେ ଏଠାକୁ ଆସିଥିଲେ। ଏହି ଅବସରରେ ଅନେକ ବିଜେଡି କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ବ୍ରହ୍ମପୁର ମହାନଗର ବିଜେଡି ସଂଗଠନର ଜଣେ ଉପସଭାପତିଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ତେବେ ୪୦ନଂ. ୱାର୍ଡ ବିଜେଡି କର୍ପୋରେଟର ଓ ତାଙ୍କ ଗୋଷ୍ଠୀର କର୍ମୀ ଅନୁପସ୍ଥିତ ଥିଲେ। ବିଧାୟକ ଶକ୍ତି ପ୍ରଦର୍ଶନ କରୁଥିବା ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ଗୋପାଳପୁର ରାଜନୀତି ସରଗରମ ହୋଇଛି। ସୂଚନାଯୋଗ୍ୟ, ଦେଢ଼ବର୍ଷ ତଳୁ ପ୍ରଦୀପଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। କେବଳ ସେତିକି ନୁହେଁ, ବିଭିନ୍ନ ମାମଲାରେ ଛନ୍ଦିହୋଇ ସେ ବିଚାର ବିଭାଗୀୟ ହାଜତରେ ଦୀର୍ଘଦିନ କଟାଇଛନ୍ତି। ସର୍ତ୍ତମୂଳକ ଜାମିନରେ ଖଲାସ ପରେ ସେ ଭୁବନେଶ୍ୱରରେ ରହୁଥିଲେ ଏବଂ ନିର୍ବାଚନମଣ୍ଡଳୀକୁ ଆସୁ ନ ଥିଲେ। ଦୁଇ ମାସ ପୂର୍ବେ ସେ ପ୍ରଥମ କରି ସିନ୍ଧିଗାଁକୁ ଆସି ହନୁମାନ ମନ୍ଦିର ପୂଜା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗତ ସ୍ୱାଧୀନତା ଦିବସରେ ପ୍ରଦୀପ କମଳାପୁର ଆସି ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ତାଙ୍କୁ ବିରୋଧ କରାଯାଇଥିଲା। ବିଜେଡି କର୍ମୀ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ବିଧାୟକ ପାଣିଗ୍ରାହୀଙ୍କୁ ମଧ୍ୟ ଠେଲାପେଲା କରିଥିଲେ। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଥିଲା। ବିଧାୟକଙ୍କୁ ନିର୍ବାଚନମଣ୍ଡଳୀର ବିରୋଧ ଗଣତନ୍ତ୍ରର ପରିପନ୍ଥୀ ହୋଇଥିବା ବିଭିନ୍ନ ମହଲ ମତ ରଖିଥିଲେ। ବିଧାୟକ ମଧ୍ୟ କଡ଼ା ଜବାବ ଦେଇ ମୁହଁତାଣ ଭାଷା ପ୍ରୟୋଗ କରିଥିଲେ।

# ଚକ୍ଷୁଦାନ ଦିବସ ପାଳିତ




ଚିକିତ୍ସାଳୟ ପକ୍ଷରୁ ସଚେତନତା ପଦଯାତ୍ରା।

ବ୍ରହ୍ମପୁର ଅଫିସ,୪।୯

ରୁବି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ ସେଣ୍ଟର ପକ୍ଷରୁ ରବିବାର ଚକ୍ଷୁଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିକିତ୍ସାଳୟ ପକ୍ଷରୁ ସଚେତନତା ପଦଯାତ୍ରା କରାଯାଇ ଜନସାଧାରଣଙ୍କୁ 'ଚକ୍ଷୁ ଦାନ ମହତ୍ ଦାନ'ର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଥିରେ ଚିକିତ୍ସାଳୟର ଅଧ୍ୟକ୍ଷ ଡ. ନାଗେଶ୍ୱର ରାଓ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡା. ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଡା. ଇଂ. ଜୟନ୍ତୀ ରାଓ ଓ ଗୋବିନ୍ଦ ବିହାର ଉନ୍ନୟନ ସଂସ୍ଥା ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ଯୋଗଦେଇଥିଲେ। ପ୍ରତିବର୍ଷ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କରାଯାଇଥାଏ। ଚକ୍ଷୁଦାନର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ଉଦ୍ଦେଶ୍ୟରେ ଚକ୍ଷୁଦାନ ପକ୍ଷ ପାଳନ କରାଯାଇଥାଏ ବୋଲି ଅତିଥିମାନେ କହିଥିଲେ।

# ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ, ୪।୯




ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

### ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପ୍ରାର୍ଥନା ମଣ୍ଡପରେ ରବିବାର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ଯୋଗଦେଇଥିଲେ। ଅଧ୍ୟକ୍ଷ ଏସ୍. ମୋହନରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ଜୀବନର ମୂଲ୍ୟବୋଧ ହୃଦୟଙ୍ଗମ କରି ଦିବ୍ୟଗୁଣ ଧାରଣ କରିବା ଦ୍ୱାରା ଜୀବନର ମହନୀୟତା ପ୍ରତିପାଦିତ ହୋଇଥାଏ। ବିଜ୍ଞାନ ଓ ଆଧ୍ୟାତ୍ମିକତାର ଏକ ଅଦ୍ଭୁତ ସମ୍ମିଶ୍ରଣ ଦେଖିବାକୁ ମିଳେ ବୋଲି ମୁଖ୍ୟ ଅତିଥି କହିଥିଲେ। ସଂକଳ୍ପ, ସାଧନା ଓ ସମର୍ପଣ ଯେଉଁଠି ଥାଏ ସେଠାରେ ଈଶ୍ୱରଙ୍କ ଆଶୀର୍ବାଦ ଓ କୃପାରୁ ସଫଳତା ହାସଲ କରିହୁଏ ବୋଲି ମୁଖ୍ୟ ବକ୍ତା କହିଥିଲେ। ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୮୨(୯୭%)ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ୟାମସୁନ୍ଦର ପାଢ଼ୀ, ୫୮୧ (୯୬.୮୩%) ନମ୍ବର ରଖି ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତୁଷାର ରଞ୍ଜନ ପଣ୍ଡା ଓ ବିଦ୍ୟାଳୟସ୍ତରରେ ତୃତୀୟ ସ୍ଥାନରୁ ୨୦ତମ ସ୍ଥାନରେ ଥିବା ୪୭ ଛାତ୍ରୀଛାତ୍ର ଏବଂ ଯୁକ୍ତ ୨ ବାଣିଜ୍ୟରେ ରାଜ୍ୟସ୍ତରରେ ୫୮୧(୯୬.୮୩%) ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ଶୁଭଶ୍ରୀ ପଟ୍ଟନାୟକ, ୫୭୯ (୯୬.୫୦%) ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଥିବା ସୁଶ୍ରୀ ସାଗରିକା ସାହୁ, ୫୭୬ (୯୬%) ରଖି ତୃତୀୟ ସ୍ଥାନ ହାସଲ କରିଥିବା ଏସ୍. ଆଶିଷ ପାତ୍ର, ୫୭୦(୯୫%) ନମ୍ବର ରଖି ଚତୁର୍ଥ ସ୍ଥାନରେ ଥିବା ଭାଡ଼ି ହର୍ଷିତା ଓ ଅନ୍ୟ ୧୩ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।
ଛାତ୍ର ଶ୍ୟାମସୁନ୍ଦର ପାଢ଼ୀ, ତୁଷାର ରଞ୍ଜନ ପଣ୍ଡା, ବାଣିଜ୍ୟ ବିଭାଗ ଛାତ୍ରୀ ଶୁଭଶ୍ରୀ ପଟ୍ଟନାୟକ ନିଜ ନିଜ ଅନୁଭୂତି ବକ୍ତବ୍ୟ ମାଧ୍ୟମରେ ମହାବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ତାଙ୍କର ଉଦ୍ଦେଶ୍ୟ ଜ୍ଞାପନ ମାଧ୍ୟମରେ ଆମେ ମାତାପିତାଙ୍କ ଋଣ. ଋଷିଋଣ, ମାତୃଭୂମି ଋଣ ପରିଶୋଧ କରିବାକୁ ପଡ଼ିବ। ଆମେ ମା, ମାଟି, ମାତୃଭୂମି, ମାତୃଭାଷା, ସର୍ବୋପରି ଭଗବାନଙ୍କୁ କୌଣସି ପରିସ୍ଥିତିରେ ଭୁଲିବା ନାହିଁ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ଡ. ହରିକୃଷ୍ଣ ନାୟକ ସମ୍ମାନ ପ୍ରଦାନ ଓ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, ସଦସ୍ୟ ନୀଳକଣ୍ଠ ସାହୁ, ଉପଦେଷ୍ଟା ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ ଓ ପ୍ରଣତି ଉପସ୍ଥିତ ଥିଲେ। ବରିଷ୍ଠ ସଂସ୍କୃତାଚାର୍ଯ୍ୟ ସମୀର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

